# ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର

## ମୋଟରଯାନ ନିଲାମ ନିମନ୍ତେ ବିଜ୍ଞପ୍ତି ।

ନଂ ...୧୩୩୫........ ତା. ୨୬ / ୦୪ / ୨୦୨୨ ...ରିଖ

ଏତଦ୍‌ଦ୍ୱାରା ନିମ୍ନଲିଖିତ ମୋଟରଯାନ ମାଲିକ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, ସେମାନଙ୍କର ଯାନ ବିରୁଦ୍ଧରେ ବକେୟା ମୋଟରଯାନ ଟିକସ ବାକି ଥିବାରୁ ସେମାନଙ୍କ ନାମରେ ଟିକସ ଅସୁଲି ମାମଲା ରୁଜୁ କରାଯାଇଥିଲା । ଯଥା ସମୟରେ ସେମାନେ ଟିକସ ଅସୁଲିକାରୀଙ୍କ କାର୍ଯ୍ୟାଳୟରେ ବକେୟା ଟିକସ ପଇଠ ନକରିବାରୁ କିମ୍ବା କୌଣସି ଉତ୍ତର ନରଖିବାରୁ ସେମାନଙ୍କ ଯାନଗୁଡ଼ିକୁ ଓଡ଼ିଶା ମୋଟରଯାନ କର ଆଇନ ୧୯୭୫ ଅନୁସୂଚୀ-।। ଅନୁଯାୟୀ ଜବତ କରାଯାଇଅଛି ।

ପୁନର୍ବାର ଉକ୍ତ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ଯାନ ମାଲିକ ମାନଙ୍କୁ ଅବଗତ କରାଯାଉଅଛିକି, ଯଦି ସେମାନେ ଆସନ୍ତା **ତା ୨୦/୦୫/୨୦୨୨ ରିଖ ଅପରାହ୍ନ ୧୨:୨୯ ଘଟିକା** ସୁଦ୍ଧା ସେମାନଙ୍କର ବକେୟା ଅର୍ଥ ପଇଠ ନକରନ୍ତି, ତେବେ **ତା ୨୦/୦୫/୨୦୨୨ ରିଖ ଅପରାହ୍ନ ୧୨:୩୦ ଘଟିକା** ସମୟରେ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବଲପୁରଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଯାନଗୁଡ଼ିକ ନିଲାମ କରାଯିବ ।

ଅତଏବ ସମସ୍ତ ଜନସାଧାରଣଙ୍କୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଉଅଛିକି, ଇଚ୍ଛୁକ ବ୍ୟକ୍ତି ଯଦି ନିମ୍ନଲିଖିତ ଯାନ ଗୁଡ଼ିର ନିଲାମିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, ତେବେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମିଳୁଥିବା ଫର୍ମ ପୁରଣ କରି ତତ୍ ସହିତ **ଟ ୫୦୦୦ ଙ୍କା (ପାଞ୍ଚ ହଜାର ଟଙ୍କା)** ମାତ୍ରର ଅମାନତ ରାଶି ଯେ କୌଣସି ରାଷ୍ଟ୍ରାୟତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ **(Regional Transport Officer, Sambalpur, payable at Sambalpur)** ସଂଲଗ୍ନ କରି **ତା ୧୯/୦୫/୨୦୨୨ରିଖ ଦିନ ଦିବା ୧୦:୦୦ ଘଟିକା ଠାରୁ ଅପରାହ୍ନ ୧:୦୦ ଘଟିକା** ମଧ୍ୟରେ ଜଉମୁଦ ଲଫାପାରେ ପ୍ରତ୍ୟେକ ଯାନ ପାଇଁ ପୃଥକ ଭାବେ ଦାଖଲ କରିବାକୁ ହେବ ।

କୌଣସି କାରଣ ନ ଦର୍ଶାଇ କୌଣସି ଯାନକୁ ଅଥବା ସମସ୍ତ ଯାନକୁ ନିଲାମ ପ୍ରକ୍ରିୟାରୁ ରଦ୍ଦ କରିବା ନିଲାମି ଅଧିକାରୀ କ୍ଷମତା ସମ୍ପୂର୍ଣ୍ଣ ଅଟନ୍ତି ।

**ବିଦ୍ର: ନିଲାମି ସମ୍ବନ୍ଧିତ ସବିଶେଷ ତଥ୍ୟ ଆଂଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିପାରିବ ।**

ଟିକସ ଅସୁଲି ଅଧିକାରୀ
ଏବଂ
ଆଞ୍ଚଳିକ ପରିବହନ ଅଧିକାରୀ
ସମ୍ବଲପୁର

# AUCTION VEHICLE LIST

| Sl. No. | Vehicle No. | Type of Vehicle | Upset Price | Model | Place of Availability of vehicle |
|---|---|---|---|---|---|
| 1. | OD15F9014 | BUS | Rs.800000/- | BUS | PUSPANATH SEIZURE YARD, SINDURPANK, SAMBALPUR |
| 2. | OD15G2995 | HGV | Rs.1200000/- | AL2518P TRUCK | |
| 3. | OD15H1039 | HGV | Rs.1100000/- | AL1212 TRUCK | |
| 4. | OD15Q0151 | BUS | Rs.1000000/- | TRAVELLER T2 SCHOOL BUS | |
| 5. | OD15E4161 | HGV | Rs.900000/- | TERRA25 BOGI | |
| 6. | OD15J7511 | HGV | Rs.1200000/- | AL3118 SUPER | |
| 7. | OR15N9871 | MAXICAB | Rs.22000/- | TATA MAGIC | OLD RTO OFFICE SAMBALPUR |
| 8. | OR15N9672 | MAXICAB | Rs.22000/- | TATA MAGIC | |
| 9. | AS01Y4065 | HGV | Rs.300000/- | MIXURE ALPSV4/51 | NEW RTO OFFICE, NAXAPALI |
| 10. | OAS4821 | HGV | Rs.35000/- | TATA 407 | DC OFFICE PREMISES |
| 11. | OD150073 | MAXICAB | Rs.20000/- | TATA MAGIC | |
| 12. | OD151369 | TRACTOR | Rs.55000/- | SHAKTIMAN 40 | |
| 13. | OD12B3206 | MAXICAB | Rs.21000/- | TATA ACE | |
| 14. | OR15E9766 | TRACTOR | Rs.20000/- | MM 275DI | |
| 15. | OR15M4678 | MAXICAB | Rs.21000/- | TATA MAGIC | |
| 16. | OR23B0953 | HGV | Rs.200000/- | LPT2515 | NEW RTO OFFICE, NAXAPALI |
| 17. | OR267533 | OMNI BUS | Rs.35000/- | TATA MAGIC | DC OFFICE PREMISES |
| 18. | OD234587 | MAXICAB | Rs.25000/- | TATA ACE MAGIC | |
| 19. | MP24GC0267 | MAXICAB | Rs.12500/- | TRECKER | |
| 20. | OD159850 | MAXICAB | Rs.15000/- | TATA MAGIC | |
| 21. | OR17H0186 | MAXICAB | Rs.35000/- | TATA ACE MAGIC | |

***Regional Transport Officer,***
***Sambalpur***

**ନିଲାମି ଯାନ ନିମନ୍ତେ ଆବେଦନ ପତ୍ର ।**

୧) ନିଲାମକାରୀଙ୍କ ନାମ

୨) ପିତାଙ୍କ ନାମ

୩) ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର

୪) ଠିକଣାର ପ୍ରମାଣପତ୍ର ( ଭୋଟରପ୍ରିଚୟ ପତ୍ର, ଆଧାରକାର୍ଡ, ଡ୍ରାଇଭିଂ ଲାଇସେନ୍ସ)

୫) ନିଲାମି ଯାନର ପଞ୍ଜିକରଣ ନମ୍ବର

୬) ପ୍ରଦତ୍ତ ମୂଲ୍ୟ

୭) ଅମାନତ ରାଶିର ବିବରଣୀ (ଟଙ୍କାର ପରିମାଣ, ବ୍ୟାଙ୍କ ଡ୍ରାଫ୍ଟ ନଂ, ତାରିଖ ଏବଂ ବ୍ୟାଙ୍କର ନାମ)

**ତାରିଖ:-**

**ସ୍ଥାନ:-** **ଆବେଦନକାରୀଙ୍କ ସ୍ୱାକ୍ଷର**

**ବିଦ୍ର:-**

କ) ଗୋଟିଏ ଦରଖାସ୍ତରେ କେବଳ ଗୋଟିଏ ଯାନସଂଖ୍ୟା ସ୍ଥାନିତ ହେବ।

ଖ) ପ୍ରତ୍ୟେକ ଯାନ ପାଇଁ ଅଲଗା ଅମାନତ ରାଶି ପ୍ରଦାନ କରିବାକୁ ହେବ।

ଗ) ଇଚ୍ଛୁକ ବ୍ୟକ୍ତିମାନେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ନିଲାମି ଯାନ ଗୁଡ଼ିକ ଅବସ୍ଥାପିତ ସ୍ଥାନରେ ଦେଖିପାରିବେ।

ଘ) ନିଲାମିରେ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କ ନାମ ଘୋଷଣା କରାଯିବାର ତିନି ଦିନ କାର୍ଯ୍ୟଦିବସ ମଧ୍ୟରେ ସମସ୍ତ ଅର୍ଥରାଶିକୁ ପଇଠ କରିବାକୁ ହେବ ନଚେତ ସେମାନଙ୍କର ଅମାନତ ଦେୟକୁ ବାଜ୍ୟାପ୍ତି କରାଯାଇ ଯାନକୁ ପୁନର୍ବାର ବିକ୍ରୟ କରାଯିବ।

ଙ) ସମସ୍ତ ଦେୟ ପଇଠ କରିବାର ୭ ଦିନ ମଧ୍ୟରେ ମାଲିକନା ସତ୍ତ୍ୱ ପରିବର୍ତ୍ତନ କରିବାକୁ ହେବ।